କ୍ୟାବିନେଟ ବୈଠକରେ କାଳିଆ ଯୋଜନା ଘୋଷଣା ହେବା ପ୍ରସଙ୍ଗରେ

# ଋଣ ଛାଡ ନକରି ପୁଣି ମିଛ ଡ୍ରାମା କରି ଚାଷୀଙ୍କୁ ପ୍ରତାରଣା କଲେ ନବୀନ ବାବୁ : ବିଜେପି

- ମୁଖ୍ୟମନ୍ତ୍ରୀ ଆଜି ପୁଣି ବୁଲାଇ ବଙ୍କାଇ ମାରିଲେ ଚାଷୀଙ୍କୁ
- ସାରା ଦେଶରେ ଏବେ ଅନେକ ରାଜ୍ୟ କୃଷି ଋଣ ଛାଡ କରିସାରିଥିଲାବେଳେ ଓଡିଶାରେ ରାଜ୍ୟ ସରକାର କାହିଁକି କୃଷି ଋଣ ଛାଡ କଲେ ନାହିଁ ?
- ନିର୍ବାଚନ ଆଉ ମାତ୍ର ୪ ମାସରୁ କମ ସମୟ ରହିଛି, ଏପରି ସ୍ଥିତିରେ ଏପରି ଯୋଜନାର ମାନେ କିଛି ନାହିଁ କେବଳ ସୁନେଲି ସ୍ୱପ୍ନ ଆଉ ତାପରେ ପୁଣି ଚାଷୀଙ୍କର ସେଇ ଦୁର୍ଦ୍ଦଶା
- ରାଜ୍ୟ ସରକାର ଏବେ ସୁଦ୍ଧା ଚାଷୀ ଆତ୍ମହତ୍ୟାକୁ ସ୍ୱୀକାର କରୁନାହାନ୍ତି
- କୁଆଡେ ଗଲା ଆଳୁ ମିଶନ, ପାର୍ବତି ଗିରି ଜଳସେଚନ ପ୍ରକଳ୍ପ, ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପର ସମସ୍ତ ଘୋଷଣା

**ଭୁବନେଶ୍ୱର, ତା୨୧/୧୨ :** ୧୯ ବର୍ଷର ବିଜେଡି ଶାସନରେ ଆଜି ଚାଷୀ ସବୁଠାରୁ ପୀଡାଗ୍ରସ୍ତ । ଯୋଜନା ଅନେକ ହେଲେ ସବୁ ପ୍ରତାରଣ ପାଲଟିଛି । ରାଜ୍ୟରେ ଚାଷୀ ଆଜି ଚାହିଁ ବସିଥିଲେ ମୁଖ୍ୟମନ୍ତ୍ରୀ କୃଷି ଋଣ ଛାଡ ଘୋଷଣା କରିବେ । ହେଲେ ମୁଖ୍ୟମନ୍ତ୍ରୀ ଆଜି ପୁଣି ବୁଲାଇ ବଙ୍କାଇ ମାରିଲେ ଚାଷୀଙ୍କୁ ।  ସାରା ଦେଶରେ ଏବେ ଅନେକ ରାଜ୍ୟ କୃଷି ଋଣ ଛାଡ କରିସାରିଥିଲାବେଳେ ଓଡିଶାରେ ରାଜ୍ୟ ସରକାର କାହିଁକି କୃଷି ଋଣ ଛାଡ କଲେ ନାହିଁ । ଯଦି କୃଷକମାନଙ୍କ ପାଇଁ ଏତେ ଦରଦ ତାହେଲେ ଲଲିପପ୍ ଦେଖାଇବା ବନ୍ଦ କରି ତୁରନ୍ତ କୃଷି ଋଣ ଛାଡ କରନ୍ତୁ ବୋଲି ବିଜେପିର ରାଜ୍ୟ ଉପସଭାପତି ସମୀର ମହାନ୍ତି ଦାବି କରିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଠିକ୍ ନିର୍ବାଚନ ପୁର୍ବରୁ ବିନା ବଜେଟ ବ୍ୟବସ୍ଥାରେ, ଭାଗଚାଷୀ ଗଣନା ନକରି ଏପରି ଯୋଜନା କରି ମୁଖ୍ୟମନ୍ତ୍ରୀ ପୁଣିଥରେ ସାରା ଓଡିଶାର ଚାଷୀମାନଙ୍କୁ ଠକିଛନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି କି କୃଷକଙ୍କ ଭାଗ୍ୟ ବଦଳାଇବା ପାଇଁ ୧୯ ବର୍ଷର ଶାସନ କଣ କମ ହୋଇଗଲା କି ? ରାଜ୍ୟ ସରକାର ଯୋଜନା ବଦ୍ଧ ଭାବେ କିଛି ଯୋଜନା ନକରି ଏକ ଗୋଲାପି ଚିତ୍ର ଦେଖାଇଛନ୍ତି । ବଜେଟରେ ଏଥି ପାଇଁ ଅର୍ଥ ବ୍ୟବସ୍ଥା ଅଛି କି ନାହିଁ ଜଣା ନାହିଁ । ନିର୍ବାଚନ ଆଉ ମାତ୍ର ୪ ମାସରୁ କମ ସମୟ । ଏପରି ସ୍ଥିତିରେ ଏପରି ଯୋଜନାର ମାନେ କିଛି ନାହିଁ । କେବଳ ସୁନେଲି ସ୍ୱପ୍ନ ଆଉ ତାପରେ ପୁଣି ଚାଷୀଙ୍କର ସେଇ ଦୁର୍ଦ୍ଦଶା ।

୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଆରମ୍ଭ କରିଥିବା ବିଜୁ କୃଷକ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଯେଉଁ ୨୫ ଲକ୍ଷ ଚାଷୀଙ୍କ ହିସାବ ଥିଲା ତାହା କଣ ସତ ? ଏବେ ୬୦ ଲକ୍ଷ ଚାଷୀ ପରବାର ଥିବା କଥା କହିଛନ୍ତି । ସରକାରଙ୍କର କେଉଁ କଥାଟି ସତ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି ।

ରାଜ୍ୟ ସରକାର ଏବେ ସୁଦ୍ଧା ଚାଷୀ ଆତ୍ମହତ୍ୟାକୁ ସ୍ୱୀକାର କରୁନାହାନ୍ତି । ସେହିପରି କୁଆଡେ ଗଲା ଆଳୁ ମିଶନ, ପାର୍ବତି ଗିରି ଜଳସେଚନ ପ୍ରକଳ୍ପ, ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପର ସମସ୍ତ ଘୋଷଣା । କେବଳ ଯୋଜନାର ନାଁ ଘୋଷଣା କରିବା ହେଉଛି ଏହି ସରକାରଙ୍କର ଏକମାତ୍ର ସଫଳତା ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ବିଜୁ ଜନତା ଦଳର କର୍ମୀ ମାନଙ୍କୁ ଟଙ୍କା ବଂଟା ଯିବା ପାଇଁ ଏ ଯୋଜନା କରାଯାଇଛି ବୋଲି ଶ୍ରୀ ମହାନ୍ତି ରାଜ୍ୟ ସରକାରଙ୍କୁ ଆକ୍ଷେପ କରି କହିଛନ୍ତି ।

(ବିଜେପି ମିଡିଆ ସେଲ୍)